# ଓଡ଼ିଶା ପୋଲିସ

## ସିଲେକ୍ସନ ବୋର୍ଡ଼, ମୋଟର ପରିବହନ ସଂସ୍ଥା, କଟକ
## ମୋଟର ଗାଡ଼ି ଚାଳକ (Driver) ନିଯୁକ୍ତି ପରୀକ୍ଷା ନିମନ୍ତେ ବିଜ୍ଞାପନ

### ବିସ୍ତୃତ ବିଜ୍ଞାପନ

**ବିଜ୍ଞାପନ ସଂଖ୍ୟା 6026 .../ପି.ଏମ୍.ଟି. (ପ୍ରତିଷ୍ଠାନ) ତାରିଖ ୦୩.୧୦.୨୦୨୪**

ଓଡ଼ିଶା ପୋଲିସ ମୋଟର ପରିବହନ ସଂସ୍ଥାର ୪୦୫ (ଚାରିଶହ ପାଞ୍ଚ) ଗୋଟି ମୋଟର ଚାଳକ (Driver) ପଦବୀ ପୂରଣ ନିମନ୍ତେ ଆବେଦନ ଅନ୍‌ଲାଇନ (Online) ମାଧ୍ୟମରେ ଆହ୍ୱାନ କରାଯାଉଛି। ଦରଖାସ୍ତ ନିର୍ଦ୍ଧାରିତ ସମୟ **ତା ୧୧.୧୦.୨୦୨୪ରିଖ ପୂର୍ବାହ୍ନ ୧୦ ଘଟିକା ଠାରୁ ତା ୩୧.୧୦.୨୦୨୪ରିଖ ଅପରାହ୍ନ ୫ ଘଟିକା ମଧ୍ୟରେ ଗ୍ରହଣ କରାଯିବ ।** ପ୍ରାର୍ଥୀମାନେ ତା୦୩.୧୧.୨୦୨୪ ଠାରୁ ୦୫.୧୧.୨୦୨୪ରିଖ ପର୍ଯ୍ୟନ୍ତ ଆବେଦନ କରିଥିବା ନିଜର ତ୍ରୁଟି ଥିବା ଦରଖାସ୍ତକୁ ପରିମାର୍ଜିତ କରିପାରିବେ। ଦରଖାସ୍ତ କେବଳ ଓଡ଼ିଶା ପୋଲିସ ୱେବ ସାଇଟ୍ (www.odishapolice.gov.in, http://opdriver.cbexams.com) ମାଧ୍ୟମରେ ଗ୍ରହଣ କରାଯିବ । ନିର୍ଦ୍ଧାରିତ ତାରିଖ ପରେ ପହଞ୍ଚିଥିବା ଦରଖାସ୍ତ ଓ ଅସମ୍ପୂର୍ଣ୍ଣ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

**ଖାଲିଥିବା ପଦବୀ ସଂଖ୍ୟା**

| ପଦବୀ (Rank) | ଅଣସଂରକ୍ଷିତ (UR) | ଅନୁସୂଚିତ ଜାତି (SC) | ଅନୁସୂଚିତ ଉପଜାତି (ST) | ସମୁଦାୟ ପଦବୀ (Total) |
|---|---|---|---|---|
| ଗାଡ଼ି ଚାଳକ | ୨୧୬ | ୫୧ | ୧୩୮ | ୪୦୫ |

**(୧) ବି.ଦ୍ର.: (କ)** ଖାଲି ଥିବା ମୋଟ ପଦବୀ ସଂଖ୍ୟା ମଧ୍ୟରେ ଅବସର ପ୍ରାପ୍ତ ସାମରିକ କର୍ମଚାରୀ, କ୍ରୀଡ଼ାବିତ ଓ ରାଜ୍ୟ ଆରକ୍ଷୀ ବିଭାଗରେ କାର୍ଯ୍ୟରତ ଗ୍ରୁପ-"ଡି" କର୍ମଚାରୀ ଓ ଗୃହରକ୍ଷୀ ପ୍ରାର୍ଥୀମାନଙ୍କ ନିମନ୍ତେ ସଂରକ୍ଷଣ ନିୟମ ଓ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ରହିଛି।

**(ଖ)** ସାମାଜିକ ଓ ଆର୍ଥିକ ଅନଗ୍ରସର ପ୍ରାର୍ଥୀ (SEBC) ନିମନ୍ତେ କୌଣସି ପଦବୀ ଖାଲି ନାହିଁ ପରନ୍ତୁ ଯୋଗ୍ୟତା ଥିବା ପ୍ରାର୍ଥୀ ଅଣସଂରକ୍ଷିତ ବର୍ଗ (UR) ପଦବୀ ପାଇଁ ଅବେଦନ

Scanned with OKEN Scanner

କରିପାରିବେ ଏବଂ ସେ ପ୍ରାର୍ଥୀ ଅଣସଂରକ୍ଷିତ ପଦବୀ ନିମନ୍ତେ ସମସ୍ତ ନିୟମ ଓ ସରକାରୀ ନିର୍ଦ୍ଦେଶନାମା ପାଳନ କରୁଥିବେ।

**(୨) <u>ଦରମା ହାର ଓ ଭତ୍ତା</u> :-**

ଉପରୋକ୍ତ ପଦବୀ ଗୁଡ଼ିକର ବେତନ ହାର ପେ ବ୍ୟାଣ୍ଡ ଟ.୫୨୦୦-୨୦୨୦୦/- ସହ ଗ୍ରେଡ଼ ପେ ଟ.୨୦୦୦/- (ଓ. ଆର୍.ଏସ୍.ପି.-୨୦୦୮) (ପେ ବ୍ୟାଣ୍ଡ-୧, ଲେଭେଲ-୫)ରେ (ଓ. ଆର୍.ଏସ୍.ପି.-୨୦୧୭) ନିୟମ ଅନୁଯାୟୀ ପେ ମାଟ୍ରିକ୍ସରେ ରହିବ । ମହଙ୍ଗାଭତ୍ତା ଓ ଅନ୍ୟାନ୍ୟ ଭତ୍ତା ସମୟାନୁସାରେ ସରକାର ଅନୁମୋଦନ କରି ପାରନ୍ତି ।

**(୩) <u>ପରୀକ୍ଷା ଦେୟ</u> :-**

ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପତ୍ର ସଂଖ୍ୟା-୯୮୯୭/ଜେନ୍ ତା୧୧.୦୪.୨୦୨୨ ଏବଂ ନଂ-୧୧୨୩୩ ତା୨୫.୦୪.୨୦୨୨ ଅନୁସାରେ ନିଯୁକ୍ତି ପରୀକ୍ଷା ସମସ୍ତ ବର୍ଗଙ୍କ ପାଇଁ ସମ୍ପୂର୍ଣ୍ଣ ଦେୟମୁକ୍ତ ଅଟେ ।

**(୪) <u>ବୟସ ସୀମା</u> :-**

ପ୍ରାର୍ଥୀଙ୍କର ବୟସ ତା: ୦୧.୦୧.୨୦୨୪ରିଖ ସୁଦ୍ଧା ୧୮ ବର୍ଷରୁ କମ୍ କିମ୍ବା ୨୩ ବର୍ଷରୁ ଅଧିକ ହୋଇ ନ ଥିବ। ଅନୁସୂଚିତ ଜାତି/ଅନୁସୂଚିତ ଉପଜାତି ପ୍ରାର୍ଥୀମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୫ ବର୍ଷ ପର୍ଯ୍ୟନ୍ତ କୋହଳ କରାଯିବ। ଅବସରପ୍ରାପ୍ତ ସାମରିକ କର୍ମଚାରୀ ମାନଙ୍କର ସର୍ବୋଚ୍ଚ ବୟସ ସୀମା ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ନିୟମାନୁସାରେ କୋହଳ କରାଯିବ। ଗୃହରକ୍ଷୀ ଓ ରାଜ୍ୟ ଆରକ୍ଷୀ ବିଭାଗରେ କାର୍ଯ୍ୟ କରୁଥିବା ଗ୍ରୁପ-"ଡି" କର୍ମଚାରୀଙ୍କର ବୟସ ତା୦୧.୦୧.୨୦୨୪ରିଖ ସୁଦ୍ଧା ଯଥାକ୍ରମେ ୨୮ ବର୍ଷ ଏବଂ ୪୩ ବର୍ଷରୁ ଅଧିକ ହୋଇନଥିବ। ପ୍ରାର୍ଥୀ ଉପରୋକ୍ତ ବୟସ ସୀମା କୋହଳ ସୁବିଧା ଗୁଡ଼ିକ ମଧ୍ୟରୁ କେବଳ ଗୋଟିଏ ସୁବିଧା ପାଇପାରିବେ।

**(୫) <u>ଶିକ୍ଷାଗତ ଯୋଗ୍ୟତା</u> :-**

(କ) ପ୍ରାର୍ଥୀ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ଼ କିମ୍ବା ଅନ୍ୟ କୌଣସି ସ୍ୱୀକୃତି ପ୍ରାପ୍ତ ଶିକ୍ଷାନୁଷ୍ଠାନରୁ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।

(ଖ) ପ୍ରାର୍ଥୀ ଓଡ଼ିଆକୁ ଏକ ବିଷୟ ରୂପେ ନେଇ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ କିମ୍ବା ଓଡ଼ିଆ ଭାଷାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ଦ୍ୱାରା ପରିଚାଳିତ ଏମ୍.ଇ. ଷ୍ଟାଣ୍ଡାର୍ଡ ସମକକ୍ଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ।

(ଗ) ପ୍ରାର୍ଥୀ ଓଡ଼ିଆ ଭାଷା କହିପାରୁଥିବେ, ପଢ଼ିପାରୁଥିବେ ଓ ଲେଖି ପାରୁଥିବେ।

**(୬) <u>ଗାଡ଼ି ଚାଳନା ଯୋଗ୍ୟତା</u> :-**

Scanned with OKEN Scanner

ପ୍ରାର୍ଥୀଙ୍କର ହାଲୁକା(LMV)/ଭାରିଯାନ(HMV) / (Transport) ଚଳାଇବାର ବୈଧ ଲାଇସେନ୍‌ସ ଥିବା ଆବଶ୍ୟକ। ଲାଇସେନ୍ସ Learning Periodକୁ ଛାଡ଼ି ଏହି ନିଯୁକ୍ତି ବିଜ୍ଞାପନ ପ୍ରକାଶିତ ହେବା ତାରିଖ ପୂର୍ବରୁ ପ୍ରାପ୍ତି ହୋଇଥିବା ଆବଶ୍ୟକ।

(୭) <u>ଅନ୍ୟାନ୍ୟ ଯୋଗ୍ୟତା</u> :-

(କ) ପ୍ରାର୍ଥୀ ଭାରତୀୟ ନାଗରିକ ହୋଇଥିବେ।

(ଖ) ପ୍ରାର୍ଥୀ ସାସ୍ଥ୍ୟବାନ ହୋଇଥିବେ ଓ ଶାରୀରିକ ଏବଂ ମାନସିକ ରୂପେ ଭିନ୍ନକ୍ଷମ ବା ଦିବ୍ୟାଙ୍ଗ ହୋଇ ନ ଥିବେ।

(ଗ) ପ୍ରାର୍ଥୀ ଚରିତ୍ର ଉତ୍ତମ ହୋଇଥିବ ଓ ସେ କୌଣସି ଅପରାଧିକ ମାମଲାରେ ସମ୍ପୃକ୍ତ ହୋଇ ନ ଥିବେ।

(ଘ) ବିବାହିତ ହୋଇଥିଲେ ତାଙ୍କର ଏକାଧିକ ଧର୍ମ ପତ୍ନୀ ନ ଥିବେ।

(ଙ) ବିଭିନ୍ନ ରଙ୍ଗ ଚିହ୍ନିବାରେ ଦୃଷ୍ଟି ଶକ୍ତି ଭଲ ଭାବରେ ଥିବ।

(ଚ) ରାଜ୍ୟ ଆରକ୍ଷୀ ବିଭାଗରେ କାର୍ଯ୍ୟରତ ଗ୍ରୁପ-"ଡି" କର୍ମଚାରୀ ଅତିକମ୍‌ରେ ନିରବଚ୍ଛିନ୍ନ ଭାବରେ ୫ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିବେ। ତାଙ୍କର କାର୍ଯ୍ୟକାଳରେ ସେ କୌଣସି ଗୁରୁତର ବିଭାଗୀୟ ଦଣ୍ଡ ଭୋଗି ନ ଥିବେ ଓ ଉତ୍ତମ ସେବାର ଅଧିକାରୀ ହୋଇଥିବେ। ତତ୍ ସମ୍ବନ୍ଧୀୟ ପ୍ରମାଣପତ୍ର ନିର୍ଦ୍ଧାରୀତ ଫର୍ମରେ ଦାଖଲ କରିବେ।

(ଚ) ଗୃହରକ୍ଷୀମାନେ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇବା ତାରିଖ ସୁଦ୍ଧା ଗୃହରକ୍ଷୀ ଭାବରେ ଅତିକମ୍‌ରେ ୩ବର୍ଷ ପର୍ଯ୍ୟନ୍ତ ନିରବଚ୍ଛିନ୍ନ କାର୍ଯ୍ୟ କରିଥିବେ ଏବଂ ଗୃହରକ୍ଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ମୌଳିକ ତାଲିମ ସମ୍ପୂର୍ଣ୍ଣ କରିଥିବେ। ତଦ୍ ସମ୍ବନ୍ଧୀୟ ପ୍ରମାଣ ପତ୍ର ନିର୍ଦ୍ଧାରିତ ଫର୍ମରେ ଦାଖଲ କରିବେ।

**ବି:ଦ୍ର:- ମହିଳା ଓ ଶାରୀରିକ ରୂପେ ଅକ୍ଷମ ପ୍ରାର୍ଥୀ ଏହି ପଦବୀ ପାଇଁ ଯୋଗ୍ୟ ବିବେଚିତ ନୁହନ୍ତି।**

**(ନିଯୁକ୍ତି ପ୍ରକ୍ରିୟା ତଥା ଯୋଗ୍ୟତା ସମ୍ବନ୍ଧୀୟ ସବିଶେଷ ବିବରଣୀ ଓଡ଼ିଶା ସରକାରଙ୍କ ଘରୋଇ ବିଭାଗ ବିଜ୍ଞପ୍ତି ସଂଖ୍ୟା 9337/D&A dt.03.03.2023ରେ ଉଲ୍ଲେଖ ଅଛି। ଉକ୍ତ ବିଜ୍ଞପ୍ତି ଉପରୋକ୍ତ websiteରେ ମଧ୍ୟ ଉପଲବ୍ଧ ଅଟେ)**

(୮) **<u>ଲିଖିତ ପରୀକ୍ଷାର ସ୍ଥାନ ଓ ଚୟନ</u>:-**

(କ) ଗାଡ଼ି ଚାଳକ ପାଇଁ ଲିଖିତ ପରୀକ୍ଷା କେନ୍ଦ୍ର ରାଜ୍ୟର କେଉଁ ସ୍ଥାନ ମାନଙ୍କରେ ହେବ ତାହା ମୋଟର ଗାଡ଼ି ଚାଳକ ନିଯୁକ୍ତି ମଣ୍ଡଳୀ ସ୍ଥିର କରିଛନ୍ତି ଯାହା ନିମ୍ନରେ ଉଲ୍ଲେଖ କରାଗଲା।

Scanned with OKEN Scanner

| କ୍ର.ସ. | ଜୋନାଲ / କେନ୍ଦ୍ରୀୟ ସିଲେକ୍ସନ ବୋର୍ଡ (Zonal / Central Selection Board) | ନିଯୁକ୍ତି ପରୀକ୍ଷା କେନ୍ଦ୍ର |
|---|---|---|
| ୧. | ଚେୟାରମ୍ୟାନ, ଉପ-ଆରକ୍ଷୀ ମହାନିରୀକ୍ଷକ, SWR, କୋରାପୁଟ | କୋରାପୁଟ – ଜୟପୁର |
| ୨. | ଚେୟାରମ୍ୟାନ, ଆରକ୍ଷୀ ମହାନିରୀକ୍ଷକ, ଉତ୍ତରାଞ୍ଚଳ, (NR), ସମ୍ବଲପୁର । | ସମ୍ବଲପୁର |
| ୩. | ଚେୟାରମ୍ୟାନ, ଆରକ୍ଷୀ ଉପ ମହାନିରୀକ୍ଷକ, (ER), ବାଲେଶ୍ୱର । | ବାଲେଶ୍ୱର । |
| ୪. | ଚେୟାରମ୍ୟାନ, ଆରକ୍ଷୀ ମହାନିରୀକ୍ଷକ, ବ୍ରହ୍ମପୁର । | ବ୍ରହ୍ମପୁର । |
| ୫. | ଚେୟାରମ୍ୟାନ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ, (ଟ୍ରାନ୍ସପୋର୍ଟ କମିଶନର) | ଭୁବନେଶ୍ୱର - କଟକ |

ଇଚ୍ଛୁକ ପ୍ରାର୍ଥୀମାନେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ନିଜ ସୁବିଧା ଅନୁସାରେ ଉପରୋକ୍ତ **୫ (ପାଞ୍ଚଟି)** କେନ୍ଦ୍ରରେ ନିଜ ନିଜ ପସନ୍ଦ କ୍ରମ ଅନୁଯାୟୀ ଲିଖିତ ପରୀକ୍ଷା ଦେବା ପାଇଁ ଆବେଦନ କରି ପାରିବେ ।

ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନଙ୍କ ପାଇଁ ଗାଡ଼ି ଚାଳନା ପରୀକ୍ଷା, ଶାରୀରିକ ମାପ, ଶାରୀରିକ ଦକ୍ଷତା ଓ ଡାକ୍ତରୀ ପରୀକ୍ଷା କେଉଁଠାରେ ହେବ ତାହା ନିଯୁକ୍ତି ମଣ୍ଡଳୀ ନିଶ୍ଚିତ କରାଇବେ ଓ ଏ ସମ୍ପର୍କିତ ସୂଚନା ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରାର୍ଥୀମାନଙ୍କୁ ଜଣାଇ ଦିଆଯିବ ।

(ଖ) ବିଜ୍ଞାପିତ ହୋଇଥିବା ମୋଟ ପଦବୀର ୭ ଗୁଣା ଯୋଗ୍ୟ ପ୍ରାର୍ଥୀ (ବିଭିନ୍ନ ବର୍ଗରୁ) ଲିଖିତ ପରୀକ୍ଷାରୁ ଚୟନ କରାଯିବ ଓ ସେମାନେ ପରବର୍ତ୍ତୀ ନିଯୁକ୍ତି ପ୍ରକ୍ରିୟାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହେବେ । ଲିଖିତ ପରୀକ୍ଷା ପରେ ଗାଡ଼ି ଚାଳନା ପରୀକ୍ଷା, ଶାରୀରିକ ମାପ, ଶାରୀରିକ ଦକ୍ଷତା ପରୀକ୍ଷା ଓ ଡାକ୍ତରୀ ପରୀକ୍ଷା ନିମ୍ନଲିଖିତ ପରୀକ୍ଷା କେନ୍ଦ୍ରରେ କରାଯିବ ।

୧. ଭୁବନେଶ୍ୱର, ୨. ବାଲେଶ୍ୱର, ୩. ସମ୍ବଲପୁର, ୪. ବ୍ରହ୍ମପୁର ଏବଂ ୫. କୋରାପୁଟ

**(୯) <u>ଲିଖିତ ପରୀକ୍ଷା ପଦ୍ଧତି</u>:-**

(କ) ଲିଖିତ ପରୀକ୍ଷାରେ ପୂର୍ଣ୍ଣ ସଂଖ୍ୟା ୫୦ ଓ ସମୟ ଅବଧି ୬୦ ମିନିଟ୍ ।

(ଖ) ଲିଖିତ ପରୀକ୍ଷାର ପ୍ରତି ସଠିକ ଉତ୍ତର ପାଇଁ ୧ନମ୍ବର ଓ ପ୍ରତି ଭୁଲ ଉତ୍ତର ପାଇଁ ବିଯୁକ୍ତ ୦.୨୫ନମ୍ବର ଦିଆଯିବ ।

Scanned with OKEN Scanner

(ଗ) ଲିଖିତ ପରୀକ୍ଷାର ପ୍ରଶ୍ନ ଗୁଡ଼ିକ ବିଭିନ୍ନ ବିଷୟରୁ ପଚରାଯିବ ଓ Multiple Choice type ମାଧ୍ୟମରେ ଠିକ୍ ଉତ୍ତର ବାଛିବାକୁ ହେବ।

(ଘ) ଲିଖିତ ପରୀକ୍ଷା Computer Based Test (CBT) ମାଧ୍ୟମରେ କରାଯିବ। ଲିଖିତ ପରୀକ୍ଷାର ମାଧ୍ୟମ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ହେବ କିନ୍ତୁ ଓଡ଼ିଆ ଭାଷାର ପ୍ରଶ୍ନ ଗୁଡ଼ିକ କେବଳ ଓଡ଼ିଆ ମାଧ୍ୟମରେ ହେବ।

(ଙ) ବିଷୟ:-ଲିଖିତ ପରୀକ୍ଷାର ପ୍ରଶ୍ନ ଗୁଡିକ ନିମ୍ନଲିଖିତ ବିଷୟରୁ ଆସିବ।

(୧) ସାଧାରଣ ଜ୍ଞାନ (Basic GK).
(୨) ଇଂରାଜୀରୁ ଓଡ଼ିଆ ଓ ଓଡ଼ିଆରୁ ଇଂରାଜୀ ଅନୁବାଦ।
(୩) ଓଡ଼ିଆ ବ୍ୟାକରଣ (Odia Grammer).
(୪) Logical Reasoning.
(୫) Basic Arithmatic.
(୬) Road Safety including Road signs.
(୭) Basic Knowledge of Vehicles and its Maintenance.

(୧୦) **ଗାଡ଼ିଚାଳନା ପରୀକ୍ଷା: –**

(କ) ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଯୋଗ୍ୟ ବିବେଚିତ ପ୍ରାର୍ଥୀମାନେ ପ୍ରଥମେ ହାଲୁକା ଯାନ(LMV) ପରୀକ୍ଷା ଦେବେ।

(ଖ) ହାଲୁକା ଯାନ (LMV) ଚାଳନା ପରୀକ୍ଷା କେବଳ ଯୋଗ୍ୟତା ଭିତ୍ତିକ ପରୀକ୍ଷା ଅଟେ।

(ଗ) ଏହି ପରୀକ୍ଷାରେ ଭାଗ ନେବା ପୂର୍ବରୁ ପ୍ରାର୍ଥୀ ତାଙ୍କର ମୂଳ ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ ନିମନ୍ତେ ଦାଖଲ କରିବେ। ପ୍ରାର୍ଥୀଙ୍କ ପାଇଁ ନିଯୁକ୍ତି ପରେ ଗାଡ଼ି ଚଳାଇବା, ନିଜର ଦାୟିତ୍ୱ ଓ କର୍ତ୍ତବ୍ୟର ଅଂଶ ବିଶେଷ ଭାବେ ବିବେଚିତ ହେବ।

(ଘ) ବୈଧ ଥିବା (HMV) କିମ୍ବା Trans Driving Licence ତଥା ସେହି ଶ୍ରେଣୀର ଗାଡ଼ି ଚାଳନା ଦକ୍ଷତା ଥିବା ଦାବି କରିଥିବା ସମସ୍ତ ପ୍ରାର୍ଥୀ ଯେଉଁମାନେ (HMV) ଗାଡ଼ି ଚାଳନାରେ କୃତକାର୍ଯ୍ୟ ହୋଇଥିବେ, ସେମାନେ (HMV) /(Transport) ଶ୍ରେଣୀର ଗାଡ଼ି ଚାଳନା ପରୀକ୍ଷା ଦେଇପାରିବେ।

(ଙ) ଭାରୀ ଯାନ (HMV) ଚାଳନା ଓ ପେଶାଦାର ଗାଡ଼ି (Transport) ଚାଳନା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଥିବା ପ୍ରାର୍ଥୀମାନଙ୍କୁ ଅତିରିକ୍ତ ୩ ମାର୍କ ଦିଆଯିବ।

(ଚ) ଗାଡ଼ି ଚାଳନା ପରୀକ୍ଷା କିପରି ଓ କେଉଁ ପ୍ରକାରର ହେବ ତାହା ନିଯୁକ୍ତି ମଣ୍ଡଳୀ ଚୂଡ଼ାନ୍ତ କରିବେ। ନିଯୁକ୍ତି ମଣ୍ଡଳୀର ଦକ୍ଷ ଅଫିସରଙ୍କ ସହଯୋଗରେ ଗାଡ଼ି ଚାଳନା ପରୀକ୍ଷା କରାଯିବ।

Scanned with OKEN Scanner

(ଛ) ପରୀକ୍ଷା ପୂର୍ବରୁ ପ୍ରାର୍ଥୀମାନଙ୍କର ଦରଖାସ୍ତରେ ସଂଲଗ୍ନ କରାଯାଇଥିବା ଡ୍ରାଇଭିଂ ଲାଇସେନ୍ସର ନକଲ ସହିତ ମୂଳ (Original) ଲାଇସେନ୍ସର ମୌଳିକତା ଯାଞ୍ଚ କରାଯିବ ଏବଂ ପରୀକ୍ଷା ପାଇଁ ଅନୁମତି ଦିଆଯିବ ।

(୧୧) **ଶାରୀରିକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷା:-**

ଗାଡ଼ି ଚାଳନା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଯୋଗ୍ୟ ବିବେଚିତ ପ୍ରାର୍ଥୀମାନେ ଶାରୀରିକ ମାପ ଓ ଦକ୍ଷତା ପରୀକ୍ଷାରେ ଭାଗ ନେଇପାରିବେ । ଏହି ସମ୍ପର୍କରେ ନିଯୁକ୍ତ ମଣ୍ଡଳୀ ପ୍ରାର୍ଥୀମାନଙ୍କୁ ଆଗୁଆ ସୂଚନା ପ୍ରଦାନ କରିବେ । ପ୍ରାର୍ଥୀମାନେ ଦିଆଯାଇଥିବା ସୂଚନା ଅନୁସାରେ ସମ୍ପୃକ୍ତ ନିଯୁକ୍ତି ପରୀକ୍ଷା କେନ୍ଦ୍ରଠାରେ ଉପସ୍ଥିତ ହେବେ । ଶାରୀରିକ ଦକ୍ଷତା ପରୀକ୍ଷା ପାଇଁ ଏକରୁ ଅଧିକ ଦିନ ଲାଗି ପାରେ, ସେଥିପାଇଁ ପ୍ରାର୍ଥୀମାନେ ୩ ରୁ ୪ ଦିନ ରହିବା ପାଇଁ ପ୍ରସ୍ତୁତ ହୋଇ ଆସିବା ଆବଶ୍ୟକ ।

(କ) **ଶାରୀରିକ ମାପ :-**

(କ) ପ୍ରାର୍ଥୀଙ୍କର ସର୍ବନିମ୍ନ ଶାରୀରିକ ମାପ ନିମ୍ନପ୍ରକାର ହୋଇଥିବା ଆବଶ୍ୟକ ।

| କ୍ର.ସ. | ବର୍ଗ | ପୁରୁଷ | | | |
|---|---|---|---|---|---|
| | | ଉଚ୍ଚତା | ଓଜନ | ଛାତି ମାପ | |
| | | | | ଅଣସଂପ୍ରସାରିତ | ସଂପ୍ରସାରିତ |
| ୧. | ଅସଂରକ୍ଷିତ ବର୍ଗ (UR) | ୧୬୮ ସେ.ମି | ୫୫ କି.ଗ୍ରା. | ୭୯ ସେ.ମି | ୮୪ ସେ.ମି |
| ୨. | ଅନୁସୂଚିତ ଜାତି (SC) / ଅନୁସୂଚିତ ଉପଜାତି (ST) | ୧୬୩ ସେ.ମି | ୫୦ କି.ଗ୍ରା. | ୭୬ ସେ.ମି | ୮୧ ସେ.ମି |

ରାଜ୍ୟ ଆରକ୍ଷୀ ବିଭାଗରେ କାର୍ଯ୍ୟ କରୁଥିବା ଗ୍ରୁପ-"ଡି" କର୍ମଚାରୀମାନଙ୍କର ଶାରିରୀକ ମାପ ସେମାନେ ଅନ୍ତର୍ଭୁକ୍ତ ବର୍ଗର ସର୍ବନିମ୍ନ ମାପ ଠାରୁ ଉଚ୍ଚତାରେ ୩ ସେ.ମି., ଓଜନରେ ୫ କି.ଗ୍ରା. ଓ ଛାତି ସମ୍ପ୍ରସାରଣ ମାପରେ ୨ ସେ.ମି. ପର୍ଯ୍ୟନ୍ତ କୋହଳ କରାଯିବ ।

(ଖ) **ଶାରୀରିକ ଦକ୍ଷତା ପରୀକ୍ଷା : (କେବଳ ଯୋଗ୍ୟତା ଭିତ୍ତିକ)**

ନିମ୍ନଲିଖିତ ବିଭାଗ (Event) ରେ ଶାରୀରିକ ଦକ୍ଷତା ପରୀକ୍ଷା କରାଯିବ ।

(୧) **ଦୌଡ଼ ୧.୬ କି.ମି. :-**

* ୧.୬ କି.ମି. ଦୂରତାକୁ ୦୭ ମିନିଟ୍ ସମୟ ମଧ୍ୟରେ ଅତିକ୍ରମ କରିପାରିଲେ ପ୍ରାର୍ଥୀ ଯୋଗ୍ୟ ବିବେଚିତ ହେବେ ।

Hhalue

Scanned with OKEN Scanner

* ୧.୬ କି.ମି. ଦୂରତାକୁ ୦୭ ମିନିଟ୍ ସମୟ ମଧ୍ୟରେ ଅତିକ୍ରମ କରିନପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ।

**(୨) ଲମ୍ଫଡିଆଁ ୩.୬୬ ମିଟର :-**

ସର୍ବନିମ୍ନ ୩.୬୬ ମିଟର ଲମ୍ଫଡିଆଁ ପାଇଁ ତିନିଥର ସୁଯୋଗ ଦିଆଯିବ । ୩ ଥର ମଧ୍ୟରେ ୩.୬୬ ମିଟର ଲମ୍ଫଡିଆଁ ଡେଇଁ ନ ପାରିଲେ, ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

**(୧୨) <u>ଡାକ୍ତରୀ ପରୀକ୍ଷା</u>:-**

ନିଯୁକ୍ତି ପରୀକ୍ଷାରେ ଯେ କୌଣସି ସମୟରେ ପ୍ରାର୍ଥୀମାନଙ୍କର ଡାକ୍ତରୀ ପରୀକ୍ଷା ନିଯୁକ୍ତି ମଣ୍ଡଳୀର ନିଷ୍ପତ୍ତି ଅନୁଯାୟୀ ଉପଖଣ୍ଡ ଡାକ୍ତରଖାନା ଅଧିକାରୀ ବା ସମତୁଲ୍ୟ ଅଧିକାରୀଙ୍କ ଦ୍ୱାରା ଡାକ୍ତରୀ ପରୀକ୍ଷା କରାଯିବ । ଆଣ୍ଠୁକୁ ଆଣ୍ଠୁ ବାଜିବା (Knock Knee), ଚଟକାପାଦ (Flat Foot), ଫୁଲିଥିବା ଗାଡ ଧମନୀ (Varicose Vein), ଧନୁ ଭଳି ବଙ୍କା ଗୋଡ(Bow Leg), ଟେରା (Squint in Eye), ଖରାପ ଦୃଷ୍ଟି ଶକ୍ତି (Poor Vision), ରଙ୍ଗ ନ ଚିହ୍ନି ପାରିବା (Colour Blindness) ଆଙ୍ଗୁଠି ଗୁଡ଼ିକୁ ଠିକ୍ ଭାବରେ ଚାଳନା କରି ନ ପାରିବା (Flex Finger), କହିବା ଓ ଶୁଣିବାରେ ବାଧା ଏବଂ ଅନ୍ୟାନ୍ୟ ଶାରୀରିକ ଅକ୍ଷମତା ଇତ୍ୟାଦି ଡାକ୍ତରି ପରୀକ୍ଷାର ଅନ୍ତର୍ଭୁକ୍ତ ହେବ । ପ୍ରାର୍ଥୀଙ୍କର ଯଦି ଶରୀରର କୌଣସି ଅଙ୍ଗ କିମ୍ବା ଶରୀରିକ ଅକ୍ଷମତା ଥାଏ ଏବଂ ପ୍ରାର୍ଥୀ ଡାକ୍ତରୀ ପରୀକ୍ଷାରେ ଅଯୋଗ୍ୟ ବିବେଚିତ ହୁଅନ୍ତି ତେବେ ତାଙ୍କୁ ଅନ୍ୟାନ୍ୟ ପରୀକ୍ଷା ଦେବା ପାଇଁ ଅନୁମତି ଦିଆଯିବ ନାହିଁ କିମ୍ବା ତାଙ୍କର ପ୍ରାର୍ଥୀତ୍ୱକୁ ନାକଚ କରାଯିବ ।

**(୧୩) ଜାତୀୟ ସମର ଶିକ୍ଷାର୍ଥୀ (N.C.C.) Certificate :-**

ଏନ୍.ସି.ସି. 'ଏ', 'ବି' କିମ୍ବା 'ସି' ସାର୍ଟିଫିକେଟ ହାସଲ କରିଥିବା ପ୍ରାର୍ଥୀ ମାନଙ୍କୁ ୨ ନମ୍ବର ଅତିରିକ୍ତ (Bonus) ମାର୍କ ପ୍ରଦାନ କରାଯିବ ।

**(୧୪) କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କର ତାଲିକା:-**

(୧) ନିଯୁକ୍ତି ପରୀକ୍ଷା ଶେଷହେବାପରେ, ସିଲେକ୍ସନ ବୋର୍ଡ ଦ୍ୱାରା ମୂଲ୍ୟାଙ୍କନର କ୍ରମ ଅନୁଯାୟି କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କର ତାଲିକା ପ୍ରକାଶିତ ହେବ। ବିଜ୍ଞାପନରେ ପ୍ରକାଶିତ ବିଭିନ୍ନ ବର୍ଗରେ ଖାଲିଥିବା ପଦବୀର ସଂଖ୍ୟାସହ ଏହା ସମାନହେବା ଆବଶ୍ୟକ। ଲିଖିତ ପରୀକ୍ଷା, ଗାଡ଼ି ଚାଳନା ପରୀକ୍ଷା ଓ ଏନ୍.ସି.ସି. ସାର୍ଟିଫିକେଟରେ ପ୍ରାର୍ଥୀମାନେ ରଖିଥିବା ମୋଟ ନମ୍ବର ଅନୁସାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନଙ୍କର ତାଲିକା ବଡ଼ରୁ ସାନ କ୍ରମରେ ପ୍ରକାଶିତ ହେବ।

(୨) କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନଙ୍କର ତାଲିକାପାଇଁ ସିଲେକ୍ସନ ବୋର୍ଡ ଆବଶ୍ୟକୀୟ ପ୍ରସ୍ତୁତିର ଧାରା/ପ୍ରଣାଳୀ ନିର୍ଦ୍ଧାରଣ କରିବେ।

Scanned with OKEN Scanner

**(୩)** ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରାର୍ଥୀଙ୍କର ନାମ କୃତକାର୍ଯ୍ୟ ହୋଇଥିବା ପ୍ରର୍ଥୀଙ୍କର ତାଲିକାର ଶିର୍ଷରେ ସ୍ଥାନ ପାଇବ।

**(୪)** ଯଦି ମୋଟ ନମ୍ବର ରଖିଥିବା ଦୁଇ ବା ତତୋଧିକ ପ୍ରାର୍ଥୀଙ୍କର ନମ୍ବର ସମାନ ହେବ ତାହାହେଲେ ବୟସରେ ଅଧିକଥିବା ପ୍ରାର୍ଥୀଙ୍କର ନାମ ଅନ୍ୟ ପ୍ରାର୍ଥୀଙ୍କର ନାମ ଉପରେ ସ୍ଥାନିତ ହେବ।

**(୫)** ଯଦି ଜନ୍ମତାରିଖ ସମାନ ଥିବ, ତାହେଲେ ଲିଖିତ ପରୀକ୍ଷାରେ କମ୍ ବିଯୁକ୍ତ ହୋଇଥିବା ପ୍ରାର୍ଥୀଙ୍କର ନାମ ଅନ୍ୟ ପ୍ରାର୍ଥୀଙ୍କର ନାମ ଉପରେ ସ୍ଥାନିତ ହେବ।

**(୬)** ଯଦି ଲିଖିତ ପରୀକ୍ଷାରେ ବିଯୁକ୍ତ ହୋଇଥିବା ନମ୍ବର ସମାନଥିବ, ସିଲେକ୍ସନ ବୋର୍ଡ ଅନ୍ୟ ଉପଯୁକ୍ତ ପ୍ରକ୍ରିୟା ଅବଲମ୍ବନ କରିବାପାଇଁ ନିଷ୍ପତ୍ତି ନେବେ।

**(୭)** କୌଣସି ପ୍ରକାର ସଂରକ୍ଷିତ ତାଲିକା ରହିବ ନାହିଁ।

**(୧୫) ନିଯୁକ୍ତି ପ୍ରକ୍ରିୟା :-**

**(୧)** କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନଙ୍କର ସମସ୍ତ ଶିକ୍ଷାଗତ ପ୍ରମାଣପତ୍ର, ଯଥା – ହାଇସ୍କୁଲ ସାର୍ଟିଫିକେଟ, କ୍ରୀଡା ପରିଚୟ ପତ୍ର, ଏନ୍.ସି.ସି. ସାର୍ଟିଫିକେଟ, ଗାଡିଚାଳନା ସାର୍ଟିଫିକେଟ, ପୂର୍ବତନ ସୈନିକ ପ୍ରମାଣ ପତ୍ର ଇତ୍ୟାଦି ନିଯୁକ୍ତି ଅଧିକାରୀଙ୍କଦ୍ୱାରା ପୁନଃ ତନଖି କରାଯାଇ ନିଯୁକ୍ତି ଆଦେଶ ପ୍ରଦାନ କରାଯିବ। ଆବଶ୍ୟକମତେ ଯଦି ପ୍ରାର୍ଥୀଙ୍କର ଚରିତ୍ର ପ୍ରମାଣ ପତ୍ର ସନ୍ତୋଷଜନକ ହୋଇଥିବ ଓ ତାଙ୍କ ବିରୁଦ୍ଧରେ କୌଣସି ମୋକଦ୍ଦମା ନଥିବ, ତେବେ ଉପରୋକ୍ତ ସାର୍ଟିଫିକେଟ ତନଖି ଚାଲିଥିବା ସମୟରେ ନିଯୁକ୍ତି ଅଧିକାରୀ ନିଯୁକ୍ତି ଆଦେଶ ଦେଇ ପାରିବେ।

**(୨)** ନିଯୁକ୍ତି ଅଧିକାରୀଙ୍କର ରବରଷ୍ଟାମ୍ପ ଓ ଦସ୍ତଖତଥାଇ ନିଯୁକ୍ତି ଆଦେଶ ପ୍ରଦାନ କରାଯିବ।

**(୩)** ନବନିଯୁକ୍ତ ପ୍ରାର୍ଥୀମାନେ ୨ବର୍ଷ ପ୍ରୋବେସନ (Probation) ରେ ରହିବେ।

**(୪)** ସମୟକୁ ସମୟ ରାଜ୍ୟ ସରକାରଙ୍କଦ୍ୱାରା ପ୍ରକାଶିତ ଆଦେଶ ନାମା, ପୋଲିସ ଆକ୍ଟ / ନିୟମ ଓ ପୋଲିସ ଡ୍ରାଇଭର ଚାକିରୀ ସର୍ତ୍ତାବଳୀ ଅନୁଯାୟୀ ନବନିଯୁକ୍ତ ପ୍ରାର୍ଥୀମାନେ ଦାୟିତ୍ୱ, ନିର୍ବାହ କରିବେ।

**(୫)** ନବନିଯୁକ୍ତ ପ୍ରାର୍ଥୀମାନେ ବରିଷ୍ଠତା ଅନୁଯାୟୀ ଗାଡି ରକ୍ଷଣା-ବେକ୍ଷଣ ତାଲିମ ନେବେ।

**(୧୬) କିପରି ଆବେଦନ କରିବେ:-**

Scanned with OKEN Scanner

**(କ)** ଗାଡ଼ି ଚାଳକ ନିଯୁକ୍ତି ପରୀକ୍ଷାରେ ଅଂଶ ଗ୍ରହଣ କରିବା ପାଇଁ ଚାହୁଁଥିବା ପ୍ରାର୍ଥୀମାନେ ଓଡ଼ିଶା ପୋଲିସ ୱେବ୍‌ସାଇଟ www.odishapolice.gov.in, http://opdriver.cbexams.com କୁ ଯାଇ Online ମାଧ୍ୟମରେ ଆବେଦନ କରିପାରିବେ।

**(ଖ)** କେବଳ Online ପୋର୍ଟାଲ ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ।

**(ଗ)** ଅନ୍‌ଲାଇନ୍‌ରେ ଆବେଦନ ସମ୍ବନ୍ଧୀୟ ଅଧିକ ସୂଚନା ସମ୍ପର୍କୀତ ବିଜ୍ଞାପନ କିମ୍ବା ଉପକ୍ରମ Websiteରୁ ବିସ୍ତୃତ ବିଜ୍ଞପ୍ତି ଦେଖିପାରିବେ।

**(ଘ)** ଆବେଦନ ପୂର୍ବରୁ ପ୍ରାର୍ଥୀ ଭଲ ଭାବରେ ଏହି ବିଜ୍ଞପ୍ତ ପଢି ପଞ୍ଜିକରଣ ପୃଷ୍ଠା ଏବଂ ଅନ୍‌ଲାଇନ ଆବେଦନ ଫର୍ମ ପୂରଣ କରିବେ।

**(ଙ)** ପ୍ରଥମେ ପୋର୍ଟାଲ Login କରିବାକୁ ପଡ଼ିବ। ଏହା କରିବା ପୂର୍ବରୁ ସୁନିଶ୍ଚିତ କରନ୍ତୁ ଯେ ଆପଣଙ୍କ ପାଖରେ ସକ୍ରିୟ Email ଓ ମୋବାଇଲ ଫୋନ ଅଛି।

**(ଚ)** ଥରେ Login କଲାପରେ ପୋର୍ଟାଲ ଗୋଟିଏ ରେଜିଷ୍ଟ୍ରେସନ ନମ୍ବର ସୃଷ୍ଟି କରିବ। ଏହି ନମ୍ବର ଆପଣଙ୍କର ନିଯୁକ୍ତି ପ୍ରକ୍ରିୟା ଶେଷ ହେବାଯାଏଁ କାମ କରିବ। ଏହାକୁ ଅଲଗା ଲେଖି ରଖନ୍ତୁ। ଏହି ରେଜିଷ୍ଟ୍ରେସନ ନମ୍ବର ଓ OTP ମାଧ୍ୟମରେ ଆପଣ ପୋର୍ଟାଲରେ Login କରି ଆବେଦନ କରିପାରିବେ ଓ ଭବିଷ୍ୟତରେ ପରୀକ୍ଷା ସଂକ୍ରାନ୍ତରେ ସମସ୍ତ ତଥ୍ୟ ପାଇବେ।

**୧) ପଞ୍ଜିକରଣ ଓ ଅନ୍‌ଲାଇନ୍ ଦରଖାସ୍ତ ପାଇଁ ଆବଶ୍ୟକୀୟ ସୂଚନା :-** ସ୍କାନ ହୋଇଥିବା ନିମ୍ନଲିଖିତ ପ୍ରମାଣପତ୍ର ଅପଲୋଡ୍ କରିବେ।

(କ) ଆବେଦନକାରୀଙ୍କ ଗାଡ଼ି ଚଳାଇବାର ବୈଧ ପ୍ରମାଣପତ୍ର।

(ଖ) ଶିକ୍ଷାଗତ ଯୋଗ୍ୟତାର ବିସ୍ତୃତ ବିବରଣୀର ସମସ୍ତ ପ୍ରମାଣପତ୍ର ମାର୍କଲିଷ୍ଟ ଇତ୍ୟାଦି।

(ଗ) ବର୍ତ୍ତମାନର ପାସ୍‌ପୋର୍ଟ ସାଇଜ୍‌ର ଫଟୋ, (ଯାହା ସ୍କାନ ହୋଇ "jpg" ଭାବରେ 200kb ମଧ୍ୟରେ ହୋଇଥିବା ଆବଶ୍ୟକ)

(ଘ) ଅନ୍‌ଲାଇନ୍ ଫର୍ମ ପୂରଣ ବେଳେ ଅପଲୋଡ ପାଇଁ ସ୍କାନ ହୋଇଥିବା ଫଟୋ ଓ ପୂର୍ଣ୍ଣ ଦସ୍ତଖତର ନମୁନା ଅତି ସ୍ପଷ୍ଟ ଚିହ୍ନିତ / ଦେଖାଯାଉଥିବା ଆବଶ୍ୟକ ନତୁବା ପଞ୍ଜିକରଣ ଓ ଆବେଦନ ପତ୍ର ନାକଚ କରାଯିବ, ଏ ସମ୍ପର୍କରେ କୌଣସି ଯୋଗାଯୋଗ କରାଯିବ ନାହିଁ।

Scanned with OKEN Scanner

(ଙ) ନିଯୁକ୍ତି ପ୍ରକ୍ରିୟା ଚାଲିଥିବା ପର୍ଯ୍ୟନ୍ତ ଏହା ସମ୍ପର୍କୀତ ଯୋଗାଯୋଗ ଯଥା www.odishapolice.gov.in, http://opdriver.cbexams.com ରେ ନିଜର ସକ୍ରିୟତା ସଂକେତ (Activation Key), ବିଭିନ୍ନ ସତର୍କ ସୂଚନା, ଆଡମିଟ କାର୍ଡ ଡାଉନ୍‌ଲୋଡ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଁ ଆବେଦନକାରୀଙ୍କ ନିଜସ୍ୱ ସକ୍ରିୟ ବା କାର୍ଯ୍ୟକ୍ଷମ ଥିବା ଇମେଲ ଆଇଡ ଓ ମୋବାଇଲ ନମ୍ବର ନିଶ୍ଚିତ ଭାବରେ ରହିବା ଆବଶ୍ୟକ । ଯେକୌଣସି ପରିସ୍ଥିତିରେ ଆବେଦନକାରୀ ନିଜର ଇମେଲ୍ ଆଇଡି ଏବଂ ମୋବାଇଲ ନମ୍ବର ଅନ୍ୟ କାହାକୁ ଜଣାଇବେ ନାହିଁ । ଯଦି ପ୍ରାର୍ଥୀର ସଚଳ ଇମେଲ୍ ଆଇଡି ନ ଥାଏ ତେବେ ଅନ୍‌ଲାଇନ୍‌ରେ ଆବେଦନ ପାଇଁ ନୂଆ ଇମେଲ୍ ଆଇଡି ତିଆରି କରିବେ ।

(ଚ) ଆବେଦନକାରୀ ଗୋଟିଏ ୟୁଜର ନେମ୍ ଓ ପାସୱାର୍ଡ ବ୍ୟବହାର କରି ୱେବସାଇଟ୍ ଖୋଲିବେ ଏବଂ ଏହାରି ମାଧ୍ୟମରେ ଆଗାମୀ ସୂଚନା, ଆଡମିଟ୍ କାର୍ଡ, ଘୋଷିତ ମାର୍କ କିମ୍ବା ସମସ୍ତ ବିବରଣୀ/ବିଜ୍ଞପ୍ତି ଯାହା କେବଳ ଅନ୍‌ଲାଇନ୍‌ରେ ମିଳିପାରିବ, ସେ ସବୁର ବିସ୍ତୃତ ସୂଚନା ଇତ୍ୟାଦି ଦେଖିପାରିବେ । ଅନ୍‌ଲାଇନ୍ ବ୍ୟତୀତ ଅନ୍ୟ କୌଣସି ସାଧନ ବା ମାଧ୍ୟମରେ ଯୋଗାଯୋଗ କରାଯିବ ନାହିଁ ।

**(୨) ଅନ୍‌ଲାଇନ୍‌ରେ ପଞ୍ଜିକରଣ ଓ ଆବେଦନ ପାଇଁ ନିର୍ଦ୍ଦେଶାବଳୀ:-**

(କ) ନିଜର ସୁବିଧା ଅନୁସାରେ Firefox, Internet Explorer କିମ୍ବା ଯେକୌଣସି ବ୍ରାଉଜର ମାଧ୍ୟମରେ www.odishapolice.gov.in,http://opdriver.cbexams.com ଟାଇପ୍ କରି ଏହି ୱେବସାଇଟର ମୂଳ ପୃଷ୍ଠା ଖୋଲନ୍ତୁ ।

(ଖ) ଆବେଦନ ପତ୍ର ଇଂରାଜୀ ଓ ଓଡ଼ିଆ ଭାଷାରେ ରହିଛି ।

(ଗ) ଆବେଦନକାରୀ ସିଧାସଳଖ ମୂଳ ପୃଷ୍ଠାର ସଂଯୋଗ **"ମୋଟର ଗାଡି (DRIVER) ଚାଳକ ନିଯୁକ୍ତି ପାଇଁ ଆବେଦନ"** ମାଧ୍ୟମରେ ଆବେଦନ କରିପାରିବେ ।

(ଘ) ଆଧାର କାର୍ଡରେ ଥିବା ପ୍ରାର୍ଥୀଙ୍କ ବିସ୍ତୃତ ତଥ୍ୟ ସଂଯୁକ୍ତ କରିବା ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରୁଥିବା ବେଳେ ପ୍ରାର୍ଥୀ ନିଜର ଆଧାର କାର୍ଡ ନମ୍ବର ପ୍ରଦାନ କରିବେ । କୌଣସି କାରଣରୁ ଯଦି ଆଧାର କାର୍ଡ ନ ଥାଏ, ତେବେ ପ୍ରାର୍ଥୀ ସାଧାରଣ ଭାବରେ ଫର୍ମ ପୂରଣ କରିପାରିବେ ।

(ଙ) ଆବେଦନକାରୀ ଫର୍ମରେ ବାଧ୍ୟତାମୂଳକ ଥିବା ତଥ୍ୟ (ଫଟୋ ଓ ଦସ୍ତଖତ ସାକ୍ଷର) ପୂରଣ କରିବା ପରେ ଆଗକୁ ଯିବା ପାଇଁ ପରବର୍ତ୍ତୀ ପୃଷ୍ଠାକୁ କ୍ଲିକ୍ କରିବେ ।

Scanned with OKEN Scanner

(ଚ) ଆବେଦନକାରୀ ବାଧ୍ୟତାମୂଳକ ଥିବା ସମସ୍ତ ତଥ୍ୟ/ପ୍ରମାଣପତ୍ର ସ୍କାନ କରି ଅପ୍‌ଲୋଡ କରିବା ପରେ "ଦାଖଲ" ବଟନକୁ (Submit Button) କୁ କ୍ଲିକ୍ କରନ୍ତୁ । ଏହା ପୂର୍ବରୁ ନିଶ୍ଚିତ ହୁଅନ୍ତୁ ଯେ, ଅପଲୋଡ ପାଇଁ ସ୍କାନ ହୋଇଥିବା ଫଟୋ ଓ ପୂର୍ଣ୍ଣ ଦସ୍ତଖତର ନମୁନା ଅତି ସ୍ୱଷ୍ଟ ଚିହ୍ନିତ / ଦେଖାଯାଉଛି । ତାହା ହୋଇ ନ ଥିଲେ ପଞ୍ଜିକରଣ ଓ ଆବେଦନ ପତ୍ର ନାକଚ କରାଯିବ ।

## ପ୍ରାର୍ଥୀମାନେ ନିମ୍ନଲିଖିତ ବିଷୟରେ ବିଶେଷ ଧ୍ୟାନ ଦେବେ

୧. ଅବସରପ୍ରାପ୍ତ ସାମରିକ କର୍ମଚାରୀମାନଙ୍କ ପାଇଁ ଶାରୀରିକ ପରୀକ୍ଷାରେ କୌଣସି ରିହାତି ପ୍ରଦାନ କରାଯିବ ନାହିଁ ।

୨. ମାଧ୍ୟମିକ ଶିକ୍ଷା ବୋର୍ଡ ବ୍ୟତୀତ ପ୍ରାର୍ଥୀ ଯଦି ଅନ୍ୟ କୌଣସି ବୋର୍ଡ ବା ଅନୁଷ୍ଠାନରୁ ହାଇସ୍କୁଲ ସାର୍ଟିଫିକେଟ ବା ସମତୁଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥାନ୍ତି, ତେବେ ସେମାନେ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡଙ୍କଠାରୁ ସମତୁଲ୍ୟ ସାର୍ଟିଫିକେଟ (Equivalent Certificate) ର ନକଲ ସଂଲଗ୍ନ କରିବେ ।

୩.ନିଯୁକ୍ତି ପରେ ପ୍ରାର୍ଥୀମାନଙ୍କୁ ଓଡ଼ିଶାର ଯେକୌଣସି ସ୍ଥାନରେ କାର୍ଯ୍ୟ କରିବା ନିମନ୍ତେ ମୁତୟନ କରାଯାଇ ପାରେ ।

## ପ୍ରାର୍ଥୀ ନିମ୍ନ ଲିଖିତ ପ୍ରମାଣ ପତ୍ର ଗୁଡିକର ଅପଲୋଡ୍ କରିବେ:-

ଏହି ନକଲଗୁଡିକ ପ୍ରାର୍ଥୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ ସାକ୍ଷର ଓ ତାରିଖ ସହ ଅନୁପ୍ରମାଣିତ (Self Attested) ହୋଇଥିବା ଆବଶ୍ୟକ । ପ୍ରାର୍ଥୀଙ୍କ ଦ୍ୱାରା ଅନୁପ୍ରମାଣିତ ପ୍ରମାଣପତ୍ରର ନକଲ ଉକ୍ତ ପ୍ରମାଣ ପତ୍ର ସମ୍ପୃକ୍ତ ପ୍ରାର୍ଥୀଙ୍କ ଦ୍ୱାରା ଦାଖଲ କରାଯାଇଥିବାର ଚୂଡାନ୍ତ ପ୍ରମାଣ ବୋଲି ଗ୍ରହଣ କରାଯିବ ।

୧. ବୟସ ସମ୍ବନ୍ଧୀୟ ପ୍ରମାଣପତ୍ର (ହାଇସ୍କୁଲ ସାର୍ଟିଫିକେଟ୍ କିମ୍ୱା ତତ୍ତୁଲ୍ୟ)
୨. ଶିକ୍ଷାଗତ ଯୋଗ୍ୟତା (ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଓ ତତ୍ତୁଲ୍ୟ)
୩. ହାଇସ୍କୁଲ ସାର୍ଟିଫିକେଟ୍ ମାର୍କସିଟ୍‌ର ନକଲ
୪. ଜାତିଗତ ପ୍ରମାଣ ପତ୍ର (କେବଳ ତଫସିଲଭୁକ୍ତ ଜାତି/ଜନଜାତି)
୫. ଗାଡି ଚାଳନା ଲାଇସେନ୍‌ସ ପ୍ରମାଣ ପତ୍ର (LMV / HMV / (Transport)
୬. କ୍ରୀଡା ପରିଚୟପତ୍ର (ଆଇଡେଣ୍ଟି କାର୍ଡ) (As per Director, Sports Resolution No.24808/Gen. dtd.18.11.1985)
୭. ଏନ୍.ସି.ସି. ସାର୍ଟିଫିକେଟ (ପ୍ରାପ୍ତ ପ୍ରାର୍ଥୀଙ୍କ ପାଇଁ)
୮. ଆଧାର କାର୍ଡ ପ୍ରମାଣ ପତ୍ର
୯. ପାସପୋର୍ଟ ସାଇଜ୍‌ର ରଙ୍ଗିନ୍ ଫଟୋଗ୍ରାଫ
୧୦. ଡିସଚାର୍ଜ ପ୍ରମାଣ ପତ୍ର ଏବଂ ଅଣ୍ଡରଟେକିଙ୍ଗ୍ (ଅବସର ପ୍ରାପ୍ତ ସାମରିକ କର୍ମଚାରୀ ହୋଇଥିଲେ)

Dhalme

Scanned with OKEN Scanner

Annexure-A

୧୧. ସରଭିସ୍ ସାର୍ଟିଫିକେଟ୍ (ଗ୍ରୁପ "ଡି" କର୍ମଚାରୀଙ୍କ ପାଇଁ) Annexure-B

୧୨. ଏନ୍‌ରୋଲମେଣ୍ଟ ସାର୍ଟିଫିକେଟ୍ (ଗୃହରକ୍ଷୀ କର୍ମଚାରୀଙ୍କ ପାଇଁ) Annexure-C

**(୧୭) ପରୀକ୍ଷା ସ୍ଥାନ ଓ ତାରିଖ:-**

ନିର୍ଦ୍ଧାରିତ ସମୟ ଭିତରେ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କୁ ଲିଖିତ ପରୀକ୍ଷା, ଗାଡ଼ି ଚାଳନା ପରୀକ୍ଷା, ଶାରିରୀକ ମାପ, ଶାରିରୀକ ଦକ୍ଷତା ଓ ଡକ୍ତରୀ ପରୀକ୍ଷାର ତାରିଖ / ସମୟ / ନିର୍ଦ୍ଧାରିତ ସ୍ଥାନର ସୂଚନା ଅନଲାଇନ୍ ଦ୍ୱାରା ପ୍ରେରିତ ଆଡମିଟ କାର୍ଡ ମାଧମରେ ଜଣାଇ ଦିଆଯିବ । ଯୋଗ୍ୟ ବିବେଚିତ ପ୍ରାର୍ଥୀ ୱେବସାଇଟ୍ www.odishapolice.gov.in,http://opdriver.cbexams.com ରୁ ନିଜର ବ୍ୟବହାରିକ ନାମ ଓ ପାସ୍‌ୱାର୍ଡ ମାଧମରେ ସୂଚୀତ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଉକ୍ତ ପ୍ରବେଶପତ୍ର ଡାଉନ୍‌ଲୋଡ କରି ସଂଗ୍ରହ କରିବେ । ଏହି ପରୀକ୍ଷାରେ ଅଂଶଗ୍ରହଣ ପାଇଁ ଅନୁମତି / ବିନାଅନୁମତି ପ୍ରାର୍ଥୀ ତାଲିକା ସମତାଳରେ ସେହି ତାରିଖରେ ଉକ୍ତ ୱେବ୍‌ସାଇଟରେ ପ୍ରକାଶ ପାଇବ । ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ସିଲେକସନ ବୋର୍ଡ ପକ୍ଷରୁ ସ୍ଥାନୀୟ ଦୈନିକ ଖବର କାଗଜରେ ପ୍ରକାଶ ପାଉଥିବା ଏହି ପରୀକ୍ଷାର ବିଭିନ୍ନ କାର୍ଯ୍ୟକ୍ରମର ବିଷୟରେ ଜାଣିବା ପାଇଁ ସେମାନେ ପ୍ରତ୍ୟହ ବା ସମୟାନ୍ତରାଳରେ www.odishapolice.gov.in,http://opdriver.cbexams.com ୱେବ୍‌ସାଇଟରେ ସ୍ଥାନୀୟ ବିଭିନ୍ନ ବିଜ୍ଞାପନକୁ ତନଖି କରିବେ ।

**ADMIT CARD**

ଲିଖିତ ପରୀକ୍ଷା/ଗାଡ଼ି ଚାଳନା ପରୀକ୍ଷା/ଶାରିରୀକ ମାପ/ଶାରିରୀକ ଦକ୍ଷତା ପରୀକ୍ଷାର ତାରିଖ, ସମୟ ଓ ନିର୍ଦ୍ଧାରିତ ସ୍ଥାନର ସୂଚନା ସହିତ ଯୋଗ୍ୟତା ପ୍ରାର୍ଥୀର ନମୂନା ଦସ୍ତଖତ ଓ ଫଟୋ ସ୍କାନ କପି ଏବଂ ସିଲେକ୍‌ସନ ବୋର୍ଡ଼ ଅଧକ୍ଷକଙ୍କ ନମୁନା ସାକ୍ଷର ଥିବା ଆଡ଼ମିଟ୍ କାର୍ଡ଼କୁ www.odishapolice.gov.in,http://opdriver.cbexams.com ୱେବ୍‌ସାଇଟ୍‌ରୁ ପ୍ରାର୍ଥୀ ପରୀକ୍ଷା ତାରିଖ ପୂର୍ବରୁ ଡାଉନ୍‌ଲୋଡ଼ କରିବେ। ପ୍ରତ୍ୟେକ ଯୋଗ୍ୟ ବିବେଚିତ ପ୍ରାର୍ଥୀ ପରୀକ୍ଷା ତାରିଖ ପୂର୍ବରୁ ଉକ୍ତ ୱେବ୍‌ସାଇଟ୍‌ର ସବମେନ୍ୟୁରୁ "ଅନ୍‌ଲାଇନ୍ ଆଡମିଟ୍ କାର୍ଡ଼କୁ" କ୍ଲିକ୍ କରି ଇ-ଆଡ଼ମିଟ୍ କାର୍ଡ ଡାଉନ୍‌ଲୋଡ଼ କରିବେ। ଅଧିକ ସୂଚନା ପାଇଁ ପ୍ରାର୍ଥୀ ଫର୍ମରେ ଉଲ୍ଲେଖ କରିଥିବା ମୋବାଇଲ ନମ୍ବରରେ ସଂକ୍ଷିପ୍ତ ସୂଚନା ପାଇ ପାରିବେ। କୌଣସି ପାରୀକ୍ଷା ପାଇଁ ମୁଦ୍ରିତ ପ୍ରବେଶ ପତ୍ର ପ୍ରାର୍ଥୀ ନିକଟକୁ ପଠାଯିବ ନାହିଁ।

**ସହାୟତା ଡେସ୍କ:-**

ଅନ୍‌ଲାଇନ୍ ଆବେଦନ କଲାବେଳେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ଆପଣ ଆମର ହେଲ୍ପ ଡେସ୍କ କୁ ଯୋଗାଯୋଗ କରି ପାରିବେ। ଏହି ସହାୟତା ଡେସ୍କର କାର୍ଯ୍ୟ ଦିବସ

Scanned with OKEN Scanner

ମାନଙ୍କରେ ସକାଳ ୯ ରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ । ସହାୟତା ପାଇଁ କୌଣସି ଅଧିକାରୀଙ୍କୁ ଯୋଗାଯୋଗ କରନ୍ତୁ ନାହିଁ । ସହାୟତା ଡେସ୍କର ନମ୍ବର Email-opdriver2024@gmail.com and Mobile No.8904290376.

**ପ୍ରାର୍ଥୀମାନଙ୍କ ପାଇଁ ସତର୍କ ସୂଚନା:-**

ଏତଦ୍ ଦ୍ୱାରା ସମସ୍ତ ପ୍ରାର୍ଥୀମାନଙ୍କୁ ଜଣାଇ ଦିଆଯାଉଅଛିକି ପ୍ରାର୍ଥୀଙ୍କ ଦ୍ୱାରା ଦାଖଲ ହୋଇଥିବା ଶିକ୍ଷାଗତ ତଥା ଅନ୍ୟାନ୍ୟ ଯୋଗ୍ୟତା ଭିତ୍ତିକ ପ୍ରମାଣ ପତ୍ର ଯାଞ୍ଚ ସମୟରେ ଯଦି ଅସତ୍ୟ ବୋଲି ପ୍ରମାଣିତ ହୁଏ ତେବେ ସେହି ପ୍ରାର୍ଥୀଙ୍କ ବିରୁଦ୍ଧରେ ମକଦ୍ଦମା ରୁଜୁ କରାଯିବା ସହିତ ପ୍ରାର୍ଥୀ ପତ୍ର ନାକଚ କରାଯିବ ।

ଯଦି କୌଣସି ପ୍ରାର୍ଥୀ ଅସତ୍ ଉପାୟ ଅବଲମ୍ବନ ପୂର୍ବକ ଚାକିରୀରେ ନିଜର ଯୋଗ୍ୟତା ହାସଲ କରିବା ପାଇଁ ପ୍ରୟାସ କରିବେ ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଯଦି କୌଣସି ମଧ୍ୟସ୍ଥି ପ୍ରାର୍ଥୀମାନଙ୍କ ଠାରୁ ଚାକିରୀ କରାଇ ଦେବାର ପ୍ରଲୋଭନ ଦେଖାଇ ଅସାଧୁ ଉପାୟରେ ଆର୍ଥିକ ଲାଭ ଓ ଲାଞ୍ଚ ଗ୍ରହଣ କରିଥିବାର ଦୃଷ୍ଟିକୁ ଆସେ, ତେବେ ସେହି ବ୍ୟକ୍ତି ତଥା ଲାଞ୍ଚ ପ୍ରଦାନ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ପ୍ରାର୍ଥୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ ମୋଟର ଗାଡ଼ି ଚାଳକ (Driver) ନିଯୁକ୍ତି ପରୀକ୍ଷା ପାଇଁ ସେମାନେ ଆବେଦନ କରିବା ସମୟରେ ଅଧିକ ବିବରଣୀ ଓଡ଼ିଶା ସରକାରଙ୍କ ଗୃହ ବିଭାଗ Notification No.9337/D&A dtd. 03.03.2023, Published in Odisha Gazette No.594 dtd. 15.03.2023, Notification No.26116/D&A dtd. 27.06.2023 Published in Odisha Gazette No. 1542/ dtd. 01.07.2023 ଏବଂ No. 41558/D&A dtd. 18.10.2023, Published in Odisha Gazette No. 2418, dtd.19.10.2023 ୱେବସାଇଟ www.odishapolice.gov.in ରେ ପାଇ ପାରିବେ ।

7/10/2024

ଅଧ୍ୟକ୍ଷ
ସିଲେକ୍ସନ ବୋର୍ଡ
ମୋଟର ପରିବହନ ସଂସ୍ଥା
ଓଡ଼ିଶା, କଟକ

Scanned with OKEN Scanner

# PROFORMA

## Annexure-A

**UNDERTAKING FOR EX-SERVICEMAN :-**

i) I.-------------------------------bearing Application Registration No............ claiming Ex-Serviceman do hereby declaired that I have not utilized the benefit of Ex-Serviceman for employment purpose till date either in State Govt. / Central Govt. or any Govt. undertaking organisation.

OR

ii) I.-------------------------------bearing Application Registration No........... claiming Ex-Serviceman do hereby declaired that at present I am under employment and working as ................under .......................Department/Institution and I have already utilized the benefit of Ex-Servicemen. My candidature for the said post may be considered on marit under my own category i.e. UR/SC/ST/SEBC.

**Note : Please fill up option (i) or (ii) as applicable.**

Signature of the candidate
Name ( in full)
Reference No.
Address.

## Annexure-B

**SERVICE CERTIFICATE FOR GROUP-D EMPLOYEE :-**

This is to certify that ..................(Name)..................has been serving in this office as ......................(Name of Post)................(Group-D Employee of Police Department). The candidate has completed 05 years of continuos regular service in Group-D post (as required in Recruitment Rule) and has good service record without any major punishment. The candidate is .........year old as on 01.01.2024. The Department has no objection for participation in this Recruitment Test and Re-Musterration in the rank of Driver, if the candidate is selected for the post in the Recruitment Test , subject to necessary verification as and when required. This will be deemed as forwarding of the application for the purpose of submission of the application for the Recruitment.

Signature and official seal of
Head of the office

## Annexure-C

**ENROLMENT CERTIFICATE FOR HOME GUARD :-**

This is to certify that ................(Name).......................has been serving as Home Guard in.................... District/Esttablishnment of Odisha Police. He/She has completed 03 years of enrolement without any interruption as on 01.01.2024 (as required in Recruitment Rule) and has rendered good service to the Department. He/She has undergone basic course of training for Home Guard on...................... The Department has no objection for participation in this Recruitment Test and appointment in the eventuality of selection to the post, subject to necessary verification as and when required. This will be deemed as forwarding of the application for the purpose of submission of the application for the Recruitment.

Signature and official seal of
Head of the office

Scanned with OKEN Scanner